# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**16 July – 2026**

**********************************

## ମୁଖ୍ୟ ସମ୍ବାଦ

- ଭକ୍ତିମୟ ପରିବେଶରେ ପୁରୀରେ ଚାଲିଛି ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା; ଅପରାହ୍ଣ ୪ଟାରେ ଜନ୍ମବେଦୀ ଅଭିମୁଖେ ନବଦିନାତ୍ମକ ଯାତ୍ରାରେ ବାହାରିବେ ଚତୁର୍ଦ୍ଧାମୂର୍ତ୍ତି

— ରଥଯାତ୍ରା ବିନମ୍ରତା, ସାମୂହିକ ଅଂଶଗ୍ରହଣ ଓ ନିଃସ୍ୱାର୍ଥପର ସେବାକୁ ପ୍ରତିଫଳିତ କରେ; ଶୁଭେଚ୍ଛାରେ କହିଲେ ପ୍ରଧାନମନ୍ତ୍ରୀ

- ପେଟ୍ରୋଲ-ଡିଜେଲ ଏବଂ ଏ.ଟି.ଏଫ୍ ରପ୍ତାନୀ ଶୁଳକରେ ସଂଶୋଧନ କଲେ ସରକାର

- ମହାନ ବିପ୍ଳବୀ ଚକ୍ରଧର ବେହେରାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ

ଏବଂ

- ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଲାଗି ରହିଛି ବର୍ଷା; କଟକ ବାଙ୍କୀରେ ସର୍ବାଧିକ ୨୧୦ ମିଲିମିଟର ବର୍ଷା ରେକର୍ଡ

# ରଥଯାତ୍ରା

ଆଷାଢ଼ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ଆଜି ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ଅନୁଷ୍ଠିତ ହେଉଛି। ମହାପ୍ରଭୁଙ୍କୁ ଦେଖିବା ପାଇଁ ରଥ, ପଥ ଓ ଭକ୍ତ ପ୍ରସ୍ତୁତ ଅଛନ୍ତି । ଚତୁର୍ଦ୍ଧାମୂର୍ତ୍ତି ରଥାରୂଢ଼ ହୋଇ ଶ୍ରଦ୍ଧାଳୁଙ୍କ ଦର୍ଶନ ଦେବା ସହ ଆଡ଼ପ ମଣ୍ଡପକୁ ରଥଯାତ୍ରାରେ ବାହାରିବେ । ସମୟନିର୍ଘଣ୍ଟ ଅନୁଯାୟୀ ଠାକୁରଙ୍କର ନୀତିକାନ୍ତି ଚାଲିଛି । ଅପରାହ୍ଣ ୪ଟାରେ ରଥଟଣା ଆରମ୍ଭ ହେବାନେଇ ନୀତିନିର୍ଘଣ୍ଟ ସ୍ଥିର ହୋଇଛି । ରଥାରୁଢ଼ ମହାପ୍ରଭୁଙ୍କ ଦର୍ଶନ ପାଇଁ ବଡଦାଣ୍ଡରେ ଶ୍ରଦ୍ଧାଳୁଙ୍କର ଭିଡ଼ ବଢ଼ିବାରେ ଲାଗିଛି ।

ଶୁଣନ୍ତୁ ଏ ସମ୍ପର୍କରେ ଏକ ସ୍ୱତନ୍ତ୍ର ଉପସ୍ଥାପନା...

ମହାପ୍ରଭୁଙ୍କ ଘୋଷଯାତ୍ରା ପାଇଁ ଚଳଚଞ୍ଚଳ ହୋଇଉଠିଛି ଶ୍ରୀକ୍ଷେତ୍ର। ବଡଦାଣ୍ଡରେ ଭକ୍ତଙ୍କ ଗହଳି-ଚହଳି ଲାଗି ରହିଛି। କୋଟି ଓଡ଼ିଆଙ୍କ ମଉଡମଣି ଶ୍ରୀଜଗନ୍ନାଥ ରତ୍ନବେଦୀରୁ ଜନ୍ମବେଦୀକୁ ନବଦିନାତ୍ମକ ଯାତ୍ରାରେ ବାହାରିଛନ୍ତି। ଟାହିଆ ହଲାଇ ଭକ୍ତଙ୍କ ଗହଣରେ ବିଜେ କରିଛନ୍ତି କାଳିଆ ସାଆନ୍ତେ। ଭକ୍ତ ଓ ଭଗବାନଙ୍କ ଦିବ୍ୟ ମିଳନରେ ବଡ଼ଦାଣ୍ଡରେ ଏକ ନିଆରା ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ଘଣ୍ଟ-ଘଣ୍ଟା, ଖୋଳ-ତାଳ, ହରିବୋଲ ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ଗଗନପବନ ପ୍ରକମ୍ପିତ ହୋଇଉଠୁଛି।

ଚକ୍ରରାଜ ଶ୍ରୀସୁଦର୍ଶନ, ବଡ଼ଠାକୁର ଶ୍ରୀବଳଭଦ୍ର, ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଦେବୀ ସୁଭଦ୍ରାଙ୍କ ମାନବୀୟ ଲୀଳାକୁ ସମଗ୍ର ବ୍ରହ୍ମାଣ୍ଡ ଦର୍ଶନ କରୁଛି। ନୀତିନିର୍ଘଣ୍ଟ ଅନୁସାରେ, ଆଜି ସକାଳ ୯ଟାରେ ୩ ରଥକୁ ପ୍ରତିଷ୍ଠା କରାଯିବା ପରେ ସାଢ଼େ ୯ଟାରୁ ଠାକୁରଙ୍କ ପହଣ୍ଡି ଆରମ୍ଭ ହୋଇଥିଲା। ପ୍ରଥମେ ପ୍ରଭୁ

ସୁଦର୍ଶନଙ୍କର ପହଣ୍ଡି ପରେ ବଡ଼ ଭାଇ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ସହିତ ମହାପ୍ରଭୁ ଶ୍ରୀଜଗନାଥ ଧାଡି ପହଣ୍ଡିରେ ଆସି ରଥ ଉପରେ ବିରାଜମାନ କରିଥିଲେ। ଶ୍ରୀଜୀଉମାନେ ରଥାରୂଢ଼ ହେବା ପରେ ଶ୍ରୀଶ୍ରୀମଦନମୋହନ, ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କୁ ରଥ ଉପରେ ବିଜେ କରାଯାଇଥିଲା।

ଏହା ପରେ ଅପରାହ୍ଣରେ ରଥ ଉପରେ ଚିତାଲାଗି ଓ ବେଶ ଅନୁଷ୍ଠିତ ହେବା ପରେ ଗଜପତି ମହାରାଜ ଦିବ୍ୟସିଂହ ଦେବ ୩ ରଥରେ ଛେରାପହଁରା କରିବେ।

ଅପରାହ୍ଣ ୪ଟାରେ ଚାରମାଳ ଫିଟା, ଘୋଡା ଏବଂ ସାରଥୀ ଯୋଚା ଯିବ। ରଥଯାତ୍ରା ସମ୍ପର୍କରେ ପୁରୀରୁ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ **ଭାସ୍କର ମିଶ୍ର** ଆକାଶବାଣୀକୁ କହିଛନ୍ତି....

**- V/O -**

ନବଦିନାତ୍ମକ ଯାତ୍ରା ପାଇଁ ଭାଇ ଭଉଣୀଙ୍କୁ ସାଙ୍ଗରେ ଧରି କାଳିଆଠାକୁର ବାହାରିଥିବାବେଳେ ଆଜି ସକାଳୁ ଶ୍ରୀମନ୍ଦିରରେ ସର୍ବପ୍ରଥମେ ମଙ୍ଗଳ ଆଳତୀ ନୀତି ହୋଇଥିଲା। ପରେ ମଇଲମ, ତଡପଲାଗି, ରୋଷହୋମ, ଅବକାଶ, ସୂର୍ଯ୍ୟପୂଜା ଆଦି ଦୈନ୍ୟନ୍ଦିନ ରୀତିନୀତି କରାଯିବା ପରେ ମହାପ୍ରଭୁଙ୍କ ବେଶ ଅନୁଷ୍ଠିତ ହୋଇଥିଲା। ଗୋପାଳବଲ୍ଲଭ ଓ ସକାଳ ଧୂପରେ ଖେଚୁଡ଼ି ଭୋଗ ଅନୁଷ୍ଠିତ ହେବା ସହ ସ୍ତୋତ୍ରୀୟ ବ୍ରାହ୍ମଣଙ୍କ ଦ୍ୱାରା ରଥ ପ୍ରତିଷ୍ଠା କରାଯାଇଥିଲା। ଶ୍ରୀମନ୍ଦିର ଛାଡ଼ି ରଥାରୂଢ଼ ମହାପ୍ରଭୁଙ୍କୁ ବାମନ ବେଶରେ ଦର୍ଶନ କରି ଭକ୍ତ ନିଜକୁ କୃତାର୍ଥ ମନେ କରୁଛି।

ରଥଟଣା କାର୍ଯ୍ୟ ଓ ଆନୁଷଙ୍ଗିକ ରୀତିନୀତିକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି ।

ବିଶ୍ୱ କଲ୍ୟାଣ ପାଇଁ ବର୍ଷକରେ ଥରେ ନବଦିନାତ୍ମକ ଯାତ୍ରା କରୁଥିବା ମହାପ୍ରଭୁ ଶ୍ରୀଜଗନ୍ନାଥ’ ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା’ ଶ୍ରୀ ସୁଦର୍ଶନଙ୍କୁ ସାଥିରେ ଧରି ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯିବାର ପରମ୍ପରା ଓ ରୀତିନୀତିରେ ମାନବୀୟ ଲୀଳାର ପ୍ରତିଫଳନ ଦେଖିବାକୁ ମିଳିଥାଏ ।

ଝିପିଝିପି ବର୍ଷାର ସ୍ନିଗ୍ଧ ପରଶରେ ଭିଜୁଛି ଶ୍ରୀକ୍ଷେତ୍ରର ପବିତ୍ର ବଡଦାଣ୍ଡ । ଶଂଖଧ୍ୱନୀର ପବିତ୍ରତା, ଘଣ୍ଟନାଦର ଗମ୍ଭୀରତା ଓ ଜୟ ଜଗନ୍ନାଥର ଗଗନଭେଦୀ ଧ୍ୱନୀ ମଧ୍ୟରେ ବଡ଼ଦାଣ୍ଡ ପାଲଟିଛି ଭକ୍ତିର ମହାତୀର୍ଥସ୍ଥଳ ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ

## ରଥଯାତ୍ରା-୨-ଶୁଭେଚ୍ଛା

**ରାଷ୍ଟ୍ରପତି** ଦ୍ରୌପଦୀ ମୁର୍ମୁ ରଥଯାତ୍ରା ଅବସରରେ ଦେଶ ବିଦେଶରେ ରହୁଥିବା ଶ୍ରୀଜଗନ୍ନାଥ ଭକ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ରାଷ୍ଟ୍ରପତି କହିଛନ୍ତି, ଭକ୍ତ ଓ ଭଗବାନଙ୍କ ମିଳନର ଏହି ପର୍ବ ବିଶ୍ୱରେ ବିରଳ । ଏହି ମହାପର୍ବରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ ଭାଇ ବଳଭଦ୍ର, ଭଗିନୀ ସୁଭଦ୍ରା ଓ ଚକ୍ରରାଜ ସୁଦର୍ଶନଙ୍କ ସହିତ ରଥାରୂଢ ହୋଇ ଭକ୍ତମାନଙ୍କ ସହିତ ମିଳିତ ହୁଅନ୍ତି । ଏହି ଅବସରରେ ରାଷ୍ଟ୍ରପତି ଭଗବାନଙ୍କ ନିକଟରେ ଦେଶବାସୀଙ୍କ ସୁଖ ସମୃଦ୍ଧି କାମନା କରିଛନ୍ତି ।

**ପ୍ରଧାନମନ୍ତ୍ରୀ** ନରେନ୍ଦ୍ର ମୋଦୀ ଶୁଭେଚ୍ଛା ଜଣାଇ କହିଛନ୍ତି, ଏହା ଭାରତର କାଳଜୟୀ ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ ଐତିହ୍ୟର ଏକ ଅନନ୍ୟ ଅଭିବ୍ୟକ୍ତି। ରଥଯାତ୍ରା ସହ ଜଡିତ ପରମ୍ପରା ଭାରତ ଏବଂ ବିଶ୍ୱର ଅନେକ ପିଢିକୁ ପ୍ରେରଣା ଦେଇଛି। ଏହା ବିନମ୍ରତା, ସାମୂହିକ ଅଂଶଗ୍ରହଣ ଓ ନିଃସ୍ୱାର୍ଥପର ସେବାକୁ ପ୍ରତିଫଳିତ କରେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

**ରାଜ୍ୟପାଳ** ହରିବାବୁ କମ୍ଭମପାଟି ରଥଯାତ୍ରା ଅବସରରେ ଶୁଭେଚ୍ଛା ଜଣାଇ କହିଛନ୍ତି, ଏହା ସମସ୍ତଙ୍କ ମଧ୍ୟରେ ଆସ୍ଥା, ଏକତା, ସମାନତା, ଭାଇଚାରା ଓ ମାନବତାର ମହାନ୍ ଭାବନାକୁ ଆହୁରି ସୁଦୃଢ଼ କରୁ।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ପବିତ୍ର ଘୋଷଯାତ୍ରା ଉପଲକ୍ଷେ ଶୁଭେଚ୍ଛା ଜଣାଇ କହିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି, ବିଶ୍ୱ ଭାତୃତ୍ୱ ଓ ସମାନତାର ପ୍ରତୀକ। ତାଙ୍କ ଆଶୀର୍ବାଦରୁ ରାଜ୍ୟର ବିକାଶ ସହିତ ସମସ୍ତଙ୍କ ଜୀବନ ସୁଖ, ଶାନ୍ତି ଓ ସମୃଦ୍ଧିରେ ଭରିଉଠୁ।

## ରଥଯାତ୍ରା-୩-ଜିଲ୍ଲା

**ସୁବର୍ଣ୍ଣପୁର** ଜିଲ୍ଲାର ପାତାଳିଶ୍ରୀକ୍ଷେତ୍ରଠାରେ ପବିତ୍ର ଘୋଷଯାତ୍ରା ଅନୁଷ୍ଠିତ ହେଉଛି। ତ୍ରିକୂଟ ପର୍ବତର ଛଳିଆ ଶିଖରରୁ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଧାଡି ପହଣ୍ଡିରେ ଅଣାଯାଇ ରଥାରୂଢ଼ କରାଯାଇଛି।  ନୀତିନିର୍ଘଣ୍ଟ ଅନୁଯାୟୀ ୩ ଠାକୁରଙ୍କର ଦ୍ୱାରଫିଟା, ମଙ୍ଗଳଆଳତି, ସକାଳ ଧୂପ, ନୈବେଦ୍ୟ ସହ ବେଶ

ଓ ଟାହିଆ ଲାଗି ପରେ ପହଣ୍ଡି ଆରମ୍ଭ ହୋଇଥିଲା। ସେବାୟତମାନେ ୧୦୮ ପାହାଚ ଅତିକ୍ରମ କରି ଶ୍ରୀଜୀଉମାନଙ୍କୁ ପହଣ୍ଡିରେ ଆଣିଥିଲେ।

**ନବରଙ୍ଗପୁର** ଜିଲ୍ଲା ରାଇଘରରେ ନୂତନ ରଥ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ରଥ ପ୍ରତିଷ୍ଠା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ରଥଯାତ୍ରା ସମୀକ୍ଷା

ଗୃହ ନିର୍ମାଣ ଓ ନଗର  ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ଗତକାଲି ବିଳମ୍ବିତ ରାତିରେ ପୁରୀ ସହରର ବିଭିନ୍ନ ଜଳବନ୍ଦୀ ପ୍ରବଣ ଅଂଚଳ ବୁଲି ସମୀକ୍ଷା କରିଛନ୍ତି। ମନ୍ତ୍ରୀ କହିଛନ୍ତି, ରଥଯାତ୍ରା ପାଇଁ ଦେଶବିଦେଶରୁ ଆସୁଥିବା ଶ୍ରଦ୍ଧାଳୁମାନେ  ଯେପରି ଜଳବନ୍ଦୀ କିମ୍ବା ବର୍ଷା ଯୋଗୁଁ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ତାହା ସରକାରଙ୍କ ପ୍ରାଥମିକତା।

ରଥଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସୁଗମ, ସୁରକ୍ଷିତ ଓ ବ୍ୟବସ୍ଥିତ ରହଣିକୁ ସୁନିଶ୍ଚିତ କରିବା ଏବଂ ତୁରନ୍ତ ସମାଧାନ ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ସମ୍ବେଦନଶୀଳ ସ୍ଥାନ ପରିଦର୍ଶନ କରି ଶ୍ରୀ ମହାପାତ୍ର ଉଚ୍ଚକ୍ଷମତା ସମ୍ପନ୍ନ ପମ୍ପିଂ ସିଷ୍ଟମ୍ ଜରିଆରେ ଯୁଦ୍ଧକାଳୀନ ଭିତ୍ତିରେ ଜମି ରହିଥିବା ଜଳ ନିଷ୍କାସନ ପ୍ରକ୍ରିୟାକୁ ଗୁରୁତ୍ୱ ଦେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ରଥଯାତ୍ରା ପରେ ପୁରୀରେ ଡ୍ରେନେଜ୍ ବ୍ୟବସ୍ଥାର ସ୍ଥାୟୀ ସମାଧାନ କରାଯିବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

## ଏକ୍ସପୋର୍ଟ ଡ୍ୟୁଟିଜ୍– ଫୁଏଲ୍

ପେଟ୍ରୋଲ, ଡିଜେଲ ଏବଂ ବିମାନ ଟର୍ବାଇନ୍ ଇନ୍ଧନ– ଏ.ଟି.ଏଫ୍. ରପ୍ତାନୀ ଉପରେ ଲାଗୁ ସ୍ୱତନ୍ତ୍ର ଅତିରିକ୍ତ ଉତ୍ପାଦ ଶୁଳ୍କରେ ସରକାର ସଂଶୋଧନ କରିଛନ୍ତି। ଡିଜେଲ ରପ୍ତାନୀ ଉପରେ ଶୁଳ୍କ ଲିଟର ପିଛା ୧୫ ଟଙ୍କା ୫୦ ପଇସାକୁ ଏବଂ ଏ.ଟି.ଏଫ୍. ରପ୍ତାନୀ ଉପରେ ପ୍ରତି ଲିଟର ୧୪ ଟଙ୍କା ୫୦ ପଇସାକୁ ବୃଦ୍ଧି କରାଯାଇଛି। ଅନ୍ୟପକ୍ଷରେ ପେଟ୍ରୋଲ ରପ୍ତାନୀ ଉପରେ ଶୁଳ୍କ ଲିଟର ପିଛା ୨ ଟଙ୍କା ୫୦ ପଇସାକୁ ହ୍ରାସ କରାଯାଇଛି। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏ ସଂକ୍ରାନ୍ତ ବିଜ୍ଞପ୍ତି ଜାରି ହେବା ସହ ଏହା ଆଜିଠାରୁ କାର୍ଯ୍ୟକାରୀ ହୋଇଛି। ତେବେ ଦେଶ ମଧ୍ୟରେ ବ୍ୟବହୃତ ପେଟ୍ରୋଲ ଓ ଡିଜେଲ ଉପରେ ଉତ୍ପାଦ ଶୁଳ୍କରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ପଶ୍ଚିମ ଏସିଆ ସଂକଟ ପରିପ୍ରେକ୍ଷୀରେ ଦେଶରେ ତୈଳ ସଂରକ୍ଷଣକୁ ଦୃଷ୍ଟିରେ ରଖି ଗତ ମାର୍ଚ୍ଚ ୨୭ ତାରିଖରୁ ଏହି ଅତିରିକ୍ତ ଉତ୍ପାଦ ଶୁଳ୍କ ଲାଗୁ କରାଯାଇଥିଲା। ପ୍ରତି ୧୫ ଦିନ ବ୍ୟବଧାନରେ ଏହି ଶୁଳ୍କ ହାରର ସମୀକ୍ଷା କରାଯାଇଥାଏ।

## ଚକ୍ରଧର ବେହେରା

କନିକା ପ୍ରଜା ଆନ୍ଦୋଳନର କର୍ଣ୍ଣଧାର ତଥା ମହାନ ବିପ୍ଳବୀ ଚକ୍ରଧର ବେହେରାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ଭୁବନେଶ୍ୱରସ୍ଥିତ ରାଜଭବନ

ଛକରେ ଶ୍ରଦ୍ଧାଞ୍ଜଳି ଅର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗାନ୍ଧିବାଦୀ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ପ୍ରଜାଙ୍କ ଅଧିକାର, ସ୍ୱାଭିମାନ ଓ ନ୍ୟାୟ ପାଇଁ ଆଜୀବନ ସଂଗ୍ରାମ କରିଥିଲେ। ତାଙ୍କର ତ୍ୟାଗ, ସାହସ ଓ ଦେଶପ୍ରେମ ଆଜି ମଧ୍ୟ ଆଗାମୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛି। ଅନ୍ୟାୟ, ଅନୀତି ଓ ଶୋଷଣ ବିରୋଧରେ ତାଙ୍କର ଲଢେଇ ଓଡିଶାର ସ୍ୱାଧୀନତା ସଂଗ୍ରାମ ଓ କୃଷକ ଆନ୍ଦୋଳନର ଇତିହାସରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ହୋଇ ରହିଛି।

## ନୂଆପଡା ଗସ୍ତ

ରାଜ୍ୟ ସରକାରଙ୍କ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ବିକାଶ ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା ଦୁଇଦିନିଆ **ନୂଆପଡା** ଜିଲ୍ଲା ଗସ୍ତରେ ଯାଇଛନ୍ତି। ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ବିକାଶ ବିଭାଗ ପକ୍ଷରୁ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି, କାର୍ଯ୍ୟର ଗୁଣବତ୍ତା ଏବଂ ସମୟବଦ୍ଧ କାର୍ଯ୍ୟାନ୍ୱୟନ ସମ୍ପର୍କରେ ଶ୍ରୀ ପଣ୍ଡା ସମୀକ୍ଷା କରିଥିଲେ। ଜଳବିଭାଜିକା ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ପ୍ରକଳ୍ପ ନିର୍ଦ୍ଦେଶକ ସନ୍ତୋଷ କୁମାର ରଥ ଜିଲ୍ଲାପାଳ ମଧୁସୂଦନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ପାଣିପାଗ

ଓଡ଼ିଶା –ପଶ୍ଚିମବଙ୍ଗ ଉପକୂଳ ପାଖାପାଖି ଉତ୍ତର–ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହାର ପ୍ରଭାବରେ

ପୁରୀ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୨୦ଟି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବାରୁ ସତର୍କ ସୂଚନା ଜାରି କରାଯାଇଛି ।

ଗତ ୨୪ ଘଣ୍ଟା ମଧ୍ୟରେ କଟକ ଜିଲ୍ଲା ବାଙ୍କୀରେ ସର୍ବାଧିକ ୨୧୦, ଅନୁଗୁଳରେ ୨୦୬ ଓ ତାଳଚେରରେ ୧୯୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।